SAMBAD

ସମ୍ବାଦ

13th Feb 2020

# ଭୁବନେଶ୍ୱର ଆଇଆଇଟିର ପ୍ରତିଷ୍ଠା ଦିବସ



ଜଟଣୀ, ୧୨।୨ (ଇମିସ): ଆଇଆଇଟି ଭୁବନେଶ୍ୱରର ଦ୍ୱାଦଶ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅରଗୁଳ କ୍ୟାମ୍ପସ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଆଇଆଇଟିର ବିଦ୍ୟାର୍ଥୀମାନେ ଆଗାମୀ ଦିନରେ ନିଜର ଜ୍ଞାନକୁ ନେଇ ବିଭିନ୍ନ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚି କହିଲେ ଯେ ଖୁବ୍ ଶୀଘ୍ର ଭୁବନେଶ୍ୱର ଆଇଆଇଟି ବିଶ୍ୱସ୍ତରରେ ସ୍ୱନାମ ଅର୍ଜନ କରିବାର ଆଶା ରହିଛି। ଏହି ଅବସରରେ କିଛି ଅଧ୍ୟାପକଙ୍କୁ ପୁରସ୍କୃତ କରାଯାଇଥିଲା।

ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର୍‌ଭି ରାଜାକୁମାରଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିଷ୍ଠା ଦିବସ ସମାରୋହ ଅବସରରେ ତିନିଦିନିଆ ବିଜ୍ଞାନ ଓ କାରିଗରୀ କୌଶଳ ପ୍ରଦର୍ଶନୀ ଆଜିଠାରୁ ଆରମ୍ଭ ହୋଇଛି। ଏଥିରେ ୨୫୦ଟି ଷ୍ଟଲ୍ ସ୍ଥାନ ପାଇଛି। ଜଟଣୀ ସମେତ ଖୋର୍ଦ୍ଧା ଓ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟରୁ ୮ ହଜାରରୁ ଅଧିକ ଛାତ୍ରଛାତ୍ରୀ ଏହି ପ୍ରଦର୍ଶନୀର ଉଦ୍‌ଘାଟନୀ ଦିବସରେ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ମୋ' ସ୍କୁଲ୍ ଯୋଜନାର ପ୍ରମୁଖ ସୁସ୍ମିତା ବାଗଚି, ଆଇଆଇଟି ଡିନ୍ ରବୀନ୍ଦ୍ର କୁମାର ପଣ୍ଡା, ସୁଜିତ କୁମାର ରଏ, ପ୍ରଭାସ ରଞ୍ଜନ ସାହୁ, ରେଜିଷ୍ଟ୍ରାର କର୍ଣ୍ଣେଲ ଡ.ସୁବୋଧ କୁମାର, ଆଡିସନାଲ ରେଜିଷ୍ଟ୍ରାର୍ ଡ. ଦେବରାଜ ରଥ, ପ୍ରଫେସର ଡ. ରାଜେଶ ରୋଶନ ଦାସ, ଷ୍ଟୁଡେଣ୍ଟ ଜିମଖାନା ସଭାପତି ଡ. ଶଙ୍କର୍ଷଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।